[2010] 13 (ADDL.) S.C.R. 886

রাজবীর @রাজু এবং অন্যজনে

বনাম

হরিয়াণা রাজ্য

(এস্. এল্. পি. (সিআরএল.) 9507/2010)

নভেম্বর 22, 2010

[মার্কণ্ডেয় কাটজু এবং জ্ঞান সুধা মিশ্রা, ন্যায়মূর্ত্তিদ্বয়]

***দণ্ড সংহিতা, 1860:***

*ধারা 304-B -- অভিযুক্তঙ্ক দোষসিদ্ধি -- বিচারকরুথিবা অদালত দ্বারা স্বামী এবং শাশু-- স্বামীঙ্কু আজীবন কারাদণ্ড এবং শাশুঙ্কু 2 বর্ষ সশ্রম কারাদণ্ডরে দণ্ডিত করাযাইছি -- উচ্চ ন্যায়ালয় স্বামীঙ্ক দণ্ডাদেশকু 10 বর্ষর সশ্রম কারাবাসকু হ্রাস করিছন্তি -- অভিযুক্তঙ্ক দ্বারা আবেদন -- নির্ণয় হোইছি: এহা এক বর্বরোচিত এবং ক্রূর হত্যাকাণ্ডর মামলা বোলি জণাপড়ুছি -- প্রথম দৃষ্টিরে মৃতকঙ্ক ক্ষত সূচিত করে যে তাঙ্ক মুণ্ডরে বারম্বার আঘাত করাযাইথিলা এবং তাঙ্কু মধ্য গলা চিপি হত্যা করাযাইথিলা-- অভিযুক্ত স্বামীঙ্কু নোটিস্ জারি করাযাউ যে, কাহিঁকি তাঙ্ক দণ্ডাদেশকু আজীবন কারাদণ্ডরে বৃদ্ধি করাযিব নাহিঁ যেপরি বিচারকরুথিবা অদালত দ্বারা প্রদান করাযাইছি --অপরাধিক ন্যায় প্রশাসন--দণ্ড/দণ্ডাদেশ ।*

***অপরাধিক ন্যায় প্রশাসন:***

*অভিযোগ নির্দ্ধারণ --দেশর সমস্ত বিচারকরুথিবা অদালতকু, সাধারণতঃ, আইপিসির ধারা 304-B রে আইপিসির ধারা 302 যোড়িবাকু নির্দ্দেশ দিআযাইছি, যাহাদ্বারা মহিলাঙ্ক বিরোধরে এপরি ঘৃণ্য এবং বর্বরোচিত অপরাধরে মৃত্যুদণ্ড দিআযাইপারিব -- দণ্ড সংহিতা, 1860 -- ধারা 304-B এবং আইপিসি -- দণ্ড/দণ্ডাদেশ --দণ্ডাদেশ বৃদ্ধি ।*

*সত্য নারায়ণ তিওয়ারী @জলি এবং অন্যজনে বনাম উত্তরপ্রদেশ রাজ্য* **[2010] 12 এসসিআর 1137,** মামলা উপরে নির্ভর করাযাইথিলা ।

**নির্ণয় বিধি সন্দর্ভ:**

**[2010] 12 এসসিআর 1137 নির্ভর করিথিলা অনুচ্ছেদ 5 উপরে ।**

ফৌজদারী আবেদন ক্ষেত্রাধিকার: এসএলপি (সিআরএল.) সংখ্যা 9507/2010

21.01.2010 রে চণ্ডিগড়স্থিত পঞ্জাব এবং হরিয়াণা উচ্চ ন্যায়ালয়র ফৌজদারী আবেদন সংখ্যা 505/2001 রে প্রদান করাযাইথিবা রায় এবং আদেশরু এহি আবেদন আসিছি ।

ଏ. ପି. ମହାନ୍ତୀ ଆବେଦନକାରୀଙ୍କ ପାଇଁ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା

**ଆଦେଶ**

1. ସ୍ୱତନ୍ତ୍ର ଅନୁମତି ଆବେଦନ ଦାଖଲ କରିବାରେ 158 ଦିନର ବିଳମ୍ବକୁ କ୍ଷମା କରାଗଲା ।

2. ଆବେଦନକାରୀ ସଂଖ୍ୟା 1 ରାଜବୀର (ସ୍ୱାମୀ) ବିବାହର ମାତ୍ର 6 ମାସ ପରେ ଟଙ୍କା ମାଗିବାରୁ ତାଙ୍କ ଗର୍ଭବତୀ ପତ୍ନୀ ସୁନୀତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଆଇପିସିର ଧାରା 304-B ଅନୁଯାୟୀ ତାଙ୍କୁ ଆଜୀବନ କାରାଦଣ୍ଡ ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ ଦଣ୍ଡାଦେଶ ଦିଆଯାଇଥିଲା । ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟ ଏହି ଦଣ୍ଡାଦେଶକୁ ହ୍ରାସ କରି 10 ବର୍ଷର ସଶ୍ରମ କାରାଦଣ୍ଡରେ ପରିଣତ କରିଛନ୍ତି । ଆବେଦନକାରୀ ସଂଖ୍ୟା 2 (ରାଜବୀରଙ୍କ ମାଆ) ଙ୍କୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

3. ଉଚ୍ଚ ନ୍ୟାୟାଳୟ, ଆବେଦନକାରୀ ସଂଖ୍ୟା 1 ରାଜବୀରଙ୍କ ଦଣ୍ଡାଦେଶକୁ କାହିଁକି ହ୍ରାସ କରିଛନ୍ତି ତାହା ଆମେ ବୁଝିପାରୁ ନାହୁଁ । ଏହା ଏକ ବର୍ବରୋଚିତ ଏବଂ ନିଷ୍ଠୁର ହତ୍ୟାକାଣ୍ଡ ବୋଲି ଜଣାପଡୁଛି । ଏହା ଆଘାତ ଦ୍ୱାରା ପ୍ରମାଣିତ ହୁଏ, ଯାହା ଡାକ୍ତର, ପିଡବ୍ଲ୍ୟୁ 2 ଙ୍କ ପ୍ରମାଣରେ ଅଛି, ଯାହା ନିମ୍ନରେ ଦିଆଯାଇଛି:

"1. ମୁହଁର ଡାହାଣ ପାର୍ଶ୍ୱରେ ରକ୍ତ ବର୍ଣ୍ଣର ଏକ ଗଭୀର କ୍ଷତ ଯାହା ଉଭୟ ଓଠର ମଧ୍ୟଭାଗରୁ ଡାହାଣ କର୍ଣ୍ଣମୂଳ ପର୍ଯ୍ୟନ୍ତ ବ୍ୟାପିଥିଲା ।

ଏବଂ ଗଣ୍ଡାସ୍ଥି ପାଖରୁ ଡାହାଣ ମାଢ଼ି କୋଣ ପର୍ଯ୍ୟନ୍ତ । ବ୍ୟବଚ୍ଛେଦରେ, ତନ୍ତୁରେ କ୍ଷତ ଥିବାର ଜଣାପଡିଲା ।

2. ବେକର ଡାହାଣ ପାର୍ଶ୍ୱରେ, 3.5 ସେ. ମି. x 2.5 ସେ. ମି. ବିଶିଷ୍ଟ ଏକ ଗଭୀର କ୍ଷତ ଡାହାଣ ମାଢିର ବାହାର ଏବଂ ଭିତରପଟେ ଥିଲା । ବ୍ୟବଚ୍ଛେଦ ସମୟରେ ଉକ୍ତ ସ୍ଥାନରେ କ୍ଷତ ଥିଲା ।

3. ବେକ ବାମ ପାର୍ଶ୍ୱରେ 7.5 ସେ. ମି. x 5 ସେ. ମି. ର ଏକ କ୍ଷତ ଯାହା ମାଢି କୋଣର ଠିକ୍ ତଳେ ଥିଲା । ବ୍ୟବଚ୍ଛେଦ ସମୟରେ ଉକ୍ତ ସ୍ଥାନରେ ମଧ୍ୟ କ୍ଷତ ଚିହ୍ନ ଥିଲା ।

4. 6 x 4 ସେ. ମି. କ୍ଷେତ୍ର ସମେତ ଉଭୟ ଓଠରେ 0.6 ସେ. ମି. x 0.5 ସେ. ମି. ରୁ 1 ସେ. ମି. ରୁ 1 ସେ. ମି. x 0.5 ସେ. ମି. ପର୍ଯ୍ୟନ୍ତ ବିଭିନ୍ନ ଆକାରର ଏକାଧିକ ରକ୍ତ ବର୍ଣ୍ଣର କ୍ଷତ ଚିହ୍ନ ଥିଲା । ବ୍ୟବଚ୍ଛେଦ ସମୟରେ ଉକ୍ତ ସ୍ଥାନରେ କ୍ଷତ ଚିହ୍ନ ଥିଲା ।

5. ତଳ ଓଠ ଭିତରେ ଥିବା ନିମ୍ନ ଛେଦକ ଦାନ୍ତ ଏବଂ ଥାଇରଏଡ୍ ହାଡ଼ ତଳେ ଉଭୟ ପାର୍ଶ୍ୱରେ ଥିବା ସମ୍ପୂର୍ଣ୍ଣ ବେକରେ 1.5 ସେ. ମି. x 1 ସେ. ମି. ଆକାରର ଏକ କ୍ଷତ ବ୍ୟବଛେଦ ସମୟରେ ଦେଖିବାକୁ ମିଳିଥିଲା ।

ମସ୍ତକ ଏବଂ ଖପୁରୀ ସୁସ୍ଥ ଥିଲା । ଗର୍ଭାଶୟରେ ଚାରି ମାସର ଏକ ପୁରୁଷ ଭ୍ରୁଣ ରହିଥିଲା ।

ଆମ ମତରେ ମୃତ୍ୟୁର କାରଣ ଶ୍ୱାସକ୍ରିୟା ଏବଂ ଶ୍ୱାସରୋଧ କାରଣରୁ ହୋଇଥିଲା, ଯାହା ମୃତ୍ୟୁ ପୂର୍ବରୁ ହୋଇ ଥିଲା ଏବଂ ଏହିପରି ସାଧାରଣ ପ୍ରକ୍ରିୟା, ମୃତ୍ୟୁ ଘଟାଇବା ପାଇଁ ଯଥେଷ୍ଟ ଥିଲା ।

4. ପ୍ରଥମ ଦୃଷ୍ଟିରେ ଉପରୋକ୍ତ ଆଘାତ ସୂଚିତ କରେ ଯେ ମୃତ ସୁନୀତାଙ୍କ ମୁଣ୍ଡରେ ବାରମ୍ବାର ଆଘାତ କରାଯାଇଥିଲା ଏବଂ ତାଙ୍କୁ ମଧ୍ୟ ଗଳା ଚିପି ହତ୍ୟା କରାଯାଇଥିଲା ।

5. ଆମେ ନିକଟରେ ସତ୍ୟ ନାରାୟଣ ତିୱାରୀ @ଜଲି ଏବଂ ଅନ୍ୟଜଣେ ବନାମ ଉତ୍ତରପ୍ରଦେଶ ରାଜ୍ୟର ଫୌଜଦାରୀ ଆବେଦନ ସଂଖ୍ୟା 1168/2005 ମାମଲାକୁ ଅକ୍ଟୋବର 28, 2010 ରେ ବିଚାର କରିଛୁ ଯେ ଏହି ନ୍ୟାୟାଳୟ ମହିଳାଙ୍କ ବିରୋଧରେ ଅପରାଧ ମାମଲାରେ ଗମ୍ଭୀର ଦୃଷ୍ଟିକୋଣ ଗ୍ରହଣ କରିବାକୁ ଏବଂ କଠୋର ଦଣ୍ଡ ଦେବାକୁ ଯାଉଛନ୍ତି ।

6. ସୁଖଦେବ ସିଂ ଏବଂ ଅନ୍ୟଜଣେ ବନାମ ପଞ୍ଜାବ ରାଜ୍ୟ ମାମଲାରେ ଅନ୍ୟ ଏକ ସ୍ୱତନ୍ତ୍ର ଅନୁମତି ଆବେଦନରେ ଆମେ ଏହି ମତକୁ ଦୋହରାଇଛୁ ଏବଂ ଆମେ ଆବେଦନକାରୀଙ୍କୁ ନୋଟିସ୍ ଜାରି କରିଛୁ ଯେ କାହିଁକି ତାଙ୍କ ଆଜୀବନ ଦଣ୍ଡାଦେଶକୁ ମୃତ୍ୟୁଦଣ୍ଡରେ ବୃଦ୍ଧି କରାଯିବ ନାହିଁ ।

7. ଆବେଦନକାରୀ ସଂଖ୍ୟା 1କୁ ନୋଟିସ୍ ଜାରି କରାଯାଉ ଯେ ବିଚାର କରୁଥିବା ଅଦାଲତଙ୍କ ଦ୍ୱାରା ଦିଆଯାଇଥିବା ଦଣ୍ଡାଦେଶକୁ, ଆଜୀବନ କାରାଦଣ୍ଡରେ କାହିଁକି ବୃଦ୍ଧି କରାଯିବ ନାହିଁ ।

8. ଆବେଦନକାରୀ ସଂଖ୍ୟା 2 (ଆବେଦନକାରୀ ଶଙ୍ଖୀ 1 ର ମାଆ) ସମ୍ବନ୍ଧରେ ଅଭିଯୋଗ କରାଯାଇଛି ଯେ ତାଙ୍କ ବୟସ ପାଖାପାଖି 80 ବର୍ଷ ହେବ ।

9. ଉତ୍ତରଦାତା-ରାଜ୍ୟକୁ ଆବେଦନକାରୀ ସଂଖ୍ୟା 2 ସମ୍ବନ୍ଧରେ ନୋଟିସ୍ ଜାରି କରାଯାଉ ।

10. ଇତି ମଧ୍ୟରେ, ଆବେଦନକାରୀ ସଂଖ୍ୟା 2 କୁ କେବଳ 4.9.1998 ରିଖର ସଦର ରୋହତକ୍ ଥାନାର ଏଫଆଇଆର୍ ସଂଖ୍ୟା 279/1998 ରୁ ଉପୁଜିଥିବା ମାମଲାରେ ବିଚାରକରୁଥିବା ନ୍ୟାୟାଳୟର ସନ୍ତୋଷଜନକ ବିଚାର ପରେ ଜାମିନରେ ବାହାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

11. ଆମେ ଧାରା 304B ର ଅଭିଯୋଗକୁ ସାଧାରଭାବରେ ଧାରା 302 ସହିତ ଯୋଡ଼ିବାକୁ ଭାରତର ସମସ୍ତ ବିଚାର କରୁଥିବା ଅଦାଲତଙ୍କୁ ନିର୍ଦ୍ଦେଶ ଦେଉଛୁ, ଯାହାଦ୍ୱାରା ମହିଳାଙ୍କ ବିରୋଧରେ ଏଭଳି ଘୃଣ୍ୟ ଏବଂ ବର୍ବରୋଚିତ ଅପରାଧରେ ମୃତ୍ୟୁଦଣ୍ଡ ଦିଆଯାଇପାରିବ ।

12. ଏହି ଆଦେଶର ନକଲ ସମସ୍ତ ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ/ରେଜିଷ୍ଟ୍ରାରଙ୍କୁ ପଠାଯିବ, ଯାହାକୁ ସମସ୍ତ ବିଚାର ବିଭାଗୀୟ ଅଦାଲତକୁ ପଠାଯିବ ।

ଆର୍.ପି.                                                   ସ୍ୱତନ୍ତ୍ର ଅନୁମତି ଆବେଦନକୁ ମୁଲତବି ରଖାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ

ହେବ ।"

**ଭାଷାନ୍ତର:**

ଶ୍ରୀ ଜଟାଧାରୀ ସେଠୀ

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।